# NATIONAL NEWS BULLETIN (ODIA)

## 03rd October - 2024

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବିବେକାନୁମୋଦିତ କାର୍ଯ୍ୟ କରି ବ୍ୟବହାର ଏବଂ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଶେଷ ହେଲା ପ୍ରଚାର କାର୍ଯ୍ୟ; ଆସନ୍ତା ଶନିବାର ଗୋଟିଏ ପର୍ଯ୍ୟାୟରେ ହେବ ମତଗ୍ରହଣ ।
- ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଜେଲ୍ ମାନୁଆଲ୍‌ରେ ରହିଥିବା ଜାତିଭିତ୍ତିକ ଭେଦଭାବ ବ୍ୟବସ୍ଥାକୁ ରଦ୍ଦ କଲେ ସୁପ୍ରିମ୍‌କୋର୍ଟ ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଆସନ୍ତାକାଲି ଶ୍ରୀଲଙ୍କା ଗସ୍ତ ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ସ୍କଟ୍‌ଲ୍ୟାଣ୍ଡ ବିରୋଧରେ ବାଂଲାଦେଶ ବିଜୟୀ ।

## ପ୍ରେଜ୍ - ରାଜସ୍ଥାନ ଭିଜିଟ୍

ଛାତ୍ରଛାତ୍ରୀମାନେ ବିବେକାନୁମୋଦିତ କାର୍ଯ୍ୟ କରି ବ୍ୟବହାର ଏବଂ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପରାମର୍ଶ ଦେଇଛନ୍ତି । ଦୁଇଦିନିଆ ରାଜସ୍ଥାନ ଗସ୍ତର ପ୍ରଥମ ଦିନରେ ଆଜି ମୋହନଲାଲ୍ ସୁଖାଡିଆ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଏହା କହିଛନ୍ତି । ଚରିତ୍ର ସଂହାର ହେବାଭଳି କୌଣସି କାର୍ଯ୍ୟଠାରୁ ଦୂରେଇ ରହିବାକୁ ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବ୍ୟବହାର ଏବଂ କାର୍ଯ୍ୟଶୈଳୀରେ ନୈତିକ ମୂଲ୍ୟବୋଧକୁ ପ୍ରତିଫଳିତ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଶିକ୍ଷାଠାରୁ ଚରିତ୍ର ମୂଲ୍ୟବାନ ବୋଲି ବାବାସାହେବ ଭୀମରାଓ ଆମ୍ବେଦକର ବିଶ୍ୱାସ କରୁଥିଲେ । ଜୀବନର ପ୍ରତ୍ୟେକ କାମରେ ସ୍ୱଚ୍ଛ ଚିନ୍ତାଧାରା ରଖିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ଏକବିଂଶ ଶତାବ୍ଦୀରେ ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି । ଜ୍ଞାନ, ବିଜ୍ଞାନ ଏବଂ ବୈଷୟିକ କ୍ଷେତ୍ରଗୁଡ଼ିକରେ ମଧ୍ୟ ଏହି ପରିବର୍ତ୍ତନର ପ୍ରଭାବ ଦେଖିବାକୁ ମିଳୁଛି । ସମୟର ଆବଶ୍ୟକତା ଅନୁଯାୟୀ ଶିକ୍ଷାର ସଠିକ୍ ମାର୍ଗରେ

ପରିଚାଳିତ ହେବାକୁ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଯୁବବର୍ଗଙ୍କ ଯୋଗଦାନଦ୍ୱାରା ହିଁ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ । ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାଙ୍କର ଅଧିକରୁ ଅଧିକ ଯୋଗଦାନ ଦେଶପାଇଁ ଗୌରବ ବିଷୟ ବୋଲି ସେ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗ୍‌ଡେ, ପଞ୍ଜାବ ରାଜ୍ୟପାଳ ଗୁଲାବ୍ ଚାନ୍ଦ୍ କଟାରିଆ ଏବଂ ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ପ୍ରେମଚାନ୍ଦ୍ ବୈର୍‌ୱା ଯୋଗ ଦେଇଥିଲେ ।

## ହରିୟାଣା - କ୍ୟାମ୍ପେନ୍

ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ୯୦ ଆସନ ବିଶିଷ୍ଟ ହରିଆଣା ବିଧାନସଭା ଲାଗି ଆସନ୍ତା ଶନିବାର ଗୋଟିଏ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ । ଆସନ୍ତା ୮ ତାରିଖ ଦିନ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ । ଇତିମଧ୍ୟରେ ନିର୍ବାଚନ ଆୟୋଗ ଶନିବାର ସନ୍ଧ୍ୟା ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗଣମାଧ୍ୟମରେ ନିର୍ବାଚନ ସଂକ୍ରାନ୍ତ ଏକ୍‌ଜିଟ୍ ପୋଲ୍ ଉପରେ ନିଷେଧାଦେଶ ଜାରି କରିଛନ୍ତି ।

ପ୍ରଚାରର ଆଜି ଶେଷ ଦିନରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଏବଂ ରୋଡ୍ ଶୋ'ରେ

ଅଂଶଗ୍ରହଣ କରି ପ୍ରଚାର କରିଥିଲେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ବିଭିନ୍ନ ନିର୍ବାଚନୀ କାର୍ଯ୍ୟକ୍ରମରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ସେହିପରି କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀ, ଦିପେନ୍ଦ୍ର ସିଂହ ହୁଡା ଏବଂ ଜନନାୟକ ଜନତା ପାର୍ଟିର ବରିଷ୍ଠ ନେତା ନୈନା ଚୌତାଲା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ଅଂଶଗ୍ରହଣ କରିଥିଲେ ।

## ଜେ.କେ. ଭୋଟର ଟର୍ଣ୍ଣ ଆଉଟ୍

ଜମ୍ମୁ-କାଶ୍ମୀରରର ବିଧାନସଭା ନିର୍ବାଚନ ପାଇଁ ୩ ପର୍ଯ୍ୟାୟ ଭୋଟ୍‌ଗ୍ରହଣରେ ପ୍ରାୟ ୬୩ ଦଶମିକ ୮/୮ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ନିର୍ବାଚନ ଆୟୋଗ କହିଛନ୍ତି, ୬୪ ଦଶମିକ ୬/୮ ପ୍ରତିଶତ ପୁରୁଷ ଏବଂ ୬୩ ଦଶମିକ ୦/୪ ପ୍ରତିଶତ ମହିଳା ଭୋଟର୍ ମତଦାନ କରିଛନ୍ତି । ଆସନ୍ତା ୮ ତାରିଖରେ ଭୋଟ୍‌ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

## ଏସ୍.ସି. ଡିସ୍କ୍ରିମିନେସନ୍

ରାଜ୍ୟଗୁଡ଼ିକରେ ଜେଲ୍ ମାନୁଆଲ୍‌ରେ ରହିଥିବା ଜାତିଭିତ୍ତିକ ଭେଦଭାବ ବ୍ୟବସ୍ଥାକୁ ସୁପ୍ରିମ୍‌କୋର୍ଟ ରଦ୍ଦ କରିଛନ୍ତି । ଏହି ମାନୁଆଲ୍‌ରେ କଏଦୀଙ୍କ ଜାତିଭିତ୍ତିରେ କାମ ଆବଣ୍ଟନ ଏବଂ ସେମାନଙ୍କୁ ଅଲଗା ଭାବେ ରହିବାର ବ୍ୟବସ୍ଥା ରହିଛି । ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଆଜି ଏହି ନିର୍ଦ୍ଦେଶ ଦେବା ସହ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୩ ମାସ ମଧ୍ୟରେ ଜେଲ୍ ମାନୁଆଲ୍‌ରେ ଆବଶ୍ୟକ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଜାତି ଆଧାରରେ କଏଦୀଙ୍କୁ କାର୍ଯ୍ୟ ବଣ୍ଟନ' ଭେଦଭାବପୂର୍ଣ୍ଣ ଏବଂ ଅସାମ୍ବିଧାନିକ ବୋଲି କହିଛନ୍ତି । ଏହା ଔପନିବେଶିକ ପରମ୍ପରାକୁ ଉଜ୍ଜୀବିତ କରି ରଖିଛି । କଏଦୀଙ୍କୁ ଜେଲ୍ ଅଧିକାରୀମାନେ ମାନବିକ ବ୍ୟବହାର କରିବା ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱ ଦେଇଛନ୍ତି ।

## ପି.ଏମ୍. - ଇଣ୍ଟର୍ଣ୍ଣସିପ୍ ସ୍କିମ୍

ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ପାଇଲଟ୍ ପ୍ରକଳ୍ପର ଆଜି ଶୁଭାରମ୍ଭ ହୋଇଛି । ୫ ବର୍ଷ ମଧ୍ୟରେ ଶ୍ରେଷ୍ଠ ୫୦୦ଟି କମ୍ପାନୀରେ ୧ କୋଟି ଯୁବବର୍ଗଙ୍କୁ

ଇଣ୍ଟର୍ଣ୍ଣସିପ୍ ସୁଯୋଗ ପ୍ରଦାନ କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ । କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ପାଇଲଟ୍ ପ୍ରକଳ୍ପପାଇଁ ୮ ଶହ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଚଳିତ ଆର୍ଥିକ ବର୍ଷ କେନ୍ଦ୍ରୀୟ ବଜେଟ୍‌ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଷୟ ଘୋଷଣା କରିଥିଲେ । ଚଳିତ ଆର୍ଥିକ ବର୍ଷରେ ୧ ଲକ୍ଷ ୨୫ ହଜାର ଇଣ୍ଟର୍ଣ୍ଣସିପ୍ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ଶ୍ରୀଲଙ୍କା - ଇ.ଏ.ଏମ୍. ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆସନ୍ତାକାଲି ଶ୍ରୀଲଙ୍କା ଗସ୍ତରେ ଯିବେ । ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେଙ୍କ ଦାୟିତ୍ୱ ଗ୍ରହଣ ପରେ ଏହା ହେଉଛି ଭାରତର ଉଚ୍ଚସ୍ତରୀୟ ନେତୃମଣ୍ଡଳୀର ପ୍ରଥମ ଶ୍ରୀଲଙ୍କା ଗସ୍ତ । ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଡକ୍ଟର ଜୟଶଙ୍କର ଶ୍ରୀଲଙ୍କା ଗସ୍ତ କରୁଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଶ୍ରୀଲଙ୍କାର ରାଷ୍ଟ୍ରପତି ଶ୍ରୀ ଦିସାନାୟକେ ଏବଂ ପ୍ରଧାନମନ୍ତ୍ରୀ ଡକ୍ଟର ହାରିନି ଅମରସୁରିୟାଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ବିଜିଥା ହେରାଥ୍‌ଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । 'ପଡ଼ୋଶୀ ପ୍ରଥମେ' ନୀତି

ଆଧାରରେ ଶ୍ରୀଲଙ୍କାର ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଡକ୍ଟର ଜୟଶଙ୍କର ଏହି ଗସ୍ତ କରୁଥିବା ଜଣାପଡ଼ିଛି ।

## ଅମିତ୍ ଶାହା - ଗୁଜରାଟ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସ୍ୱଚ୍ଛତା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଗୁଜରାଟର ଅହମ୍ମଦାବାଦଠାରେ ଆଜି ଏକ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ଗତ ୫ ବର୍ଷ ମଧ୍ୟରେ ଗାନ୍ଧିନଗର ସଂସଦୀୟ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ଶିକ୍ଷା ସହ ଅନ୍ୟାନ୍ୟ କଲ୍ୟାଣକାରୀ ପ୍ରକଳ୍ପ ପାଇଁ ୩୭ ହଜାର କୋଟିରୁ ଅଧିକ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି । ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସ୍ମାର୍ଟ ସ୍କୁଲ୍‌ରେ ପରିଣତ କରିବାକୁ ଅହମ୍ମଦାବାଦ ପୌର ନିଗମର ଅବଦାନକୁ ଶ୍ରୀ ଶାହା ପ୍ରଶଂସା କରିଛନ୍ତି । ଶ୍ରୀ ଶାହା ୪୭୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଗୁଜରାଟ ଗସ୍ତ ଅବସରରେ ଶ୍ରୀ ଶାହା ସାନନ୍ଦ ନିକଟରେ ଆୟୋଜିତ ଦଳୀୟ କର୍ମକର୍ତ୍ତା ସମ୍ମିଳନୀ ଏବଂ ପୁଲିସ୍ କମିଶନରଙ୍କ ନବନିର୍ମିତ କାର୍ଯ୍ୟାଳୟ ଅଟ୍ଟାଳିକାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେହିପରି

ଗୁଜୁରାଟ ପର୍ଯ୍ୟଟନ ବିଭାଗଦ୍ୱାରା ଆୟୋଜିତ ଭାଇବ୍ରେଣ୍ଟ ଗୁଜରାଟ ନବରାତ୍ରୀ ମହୋତ୍ସବର ମନ୍ତ୍ରୀ ଶ୍ରୀ ଶାହା ଶୁଭାରମ୍ଭ କରିଛନ୍ତି ।

# ୧.୨ ମିଲିୟନ୍ ଡସ୍‌ପ୍ଲେଡ୍

ଇସ୍ରାଏଲ୍‌ର ଆକାଶମାର୍ଗରୁ ଆକ୍ରମଣ ପରିପ୍ରେକ୍ଷୀରେ ଲେବାନନ୍‌ର ୧୨ ଲକ୍ଷ ନାଗରିକ ବିସ୍ଥାପିତ ହୋଇଛନ୍ତି । ଲେବାନନ୍ ମନ୍ତ୍ରିମଣ୍ଡଳ ବିପର୍ଯ୍ୟୟ ପରିଚାଳନା ୟୁନିଟ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବହୁ ଲୋକ ସିରିଆକୁ ଚାଲିଯାଇଥିବାବେଳେ ଅନ୍ୟମାନେ ଦେଶର ବିଭିନ୍ନ ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ବେରୁଟ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ହିଜ୍‌ବୁଲ୍ଲା ସଦସ୍ୟ ଏବଂ ସେମାନଙ୍କ କାର୍ଯ୍ୟାଳୟକୁ ଲକ୍ଷ୍ୟ କରି ଇସ୍ରାଏଲ୍ ଆକାଶମାର୍ଗରୁ ଆକ୍ରମଣ କରିଥିଲା । ଏବେ ସେନାବାହିନୀ ଲେବାନନ୍ ସ୍ଥଳଭାଗରେ ପ୍ରବେଶ କରୁଥିବାରୁ ଦକ୍ଷିଣ ଏବଂ ପୂର୍ବ ଲେବାନନ୍ ତଥା ବେରୁଟ୍‌ର ଦକ୍ଷିଣ ଉପାନ୍ତ ଅଞ୍ଚଳର ଲୋକମାନେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି ।

ଅନ୍ୟପକ୍ଷରେ କ୍ରମାଗତ ଆକ୍ରମଣ ଯୋଗୁଁ ଗାଜାରେ ଖାଦ୍ୟସଙ୍କଟ ଦେଖାଦେଇଛି ବୋଲି ମିଳିତ ଜାତିସଂଘର ଉଦ୍ଧାର ଓ କାର୍ମିକ ସଂସ୍ଥା ଏବଂ ପୂର୍ବ ପାଲେଷ୍ଟାଇନ୍ ଅନୁପ୍ରବେଶୀ ସଂସ୍ଥାର ମହାଯୁକ୍ତ ଫିଲିପେ ଲାଜାରିନି କହିଛନ୍ତି । ଅଗଷ୍ଟ ମାସରେ ଗାଜାରେ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ମିଳି ନ ଥିବାବେଳେ ଗତ ମାସରେ ଏହାର ୧୪ ଲକ୍ଷକୁ ବୃଦ୍ଧି

ପାଇଛି ବୋଲି ସେ କହିଛନ୍ତି । ଲାଜାରିନି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ଦେଇ କହିଛନ୍ତି, ଗାଜାରେ ପ୍ରବେଶ ଉପରେ ପ୍ରତିବନ୍ଧକ, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରାୟ ୭୦ ପ୍ରତିଶତ ଫସଲ ନଷ୍ଟ ହୋଇଛି । ସେଠାକାର ଜନସାଧାରଣ ମାନବିକ ସହାୟତା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଶ୍ରୀ ଲାଜାରିନି କହିଛନ୍ତି ।

## ଇଣ୍ଡିଆ-ଶ୍ରୀଲଙ୍କା - ଏମ୍.ଓ.ୟୁ.

ଭାରତ-ଶ୍ରୀଲଙ୍କା ସ୍କୁଲ୍ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ ମହାକାଶ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଉନ୍ନତ ଶିକ୍ଷାଦାନ ଲକ୍ଷ୍ୟରେ ଆଜି ଚେନ୍ନାଇରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି, ଜାଫନାର ସରକାରୀ ବିଦ୍ୟାଳୟ ଓ ଭାରତର ଛାତ୍ରଛାତ୍ରୀଙ୍କୁ ନେଇ ମିଳିତ ଭାବେ ଉପଗ୍ରହ ଡିଜାଇନ୍ ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ପ୍ରଯୁକ୍ତି ବିଦ୍ୟାର ସହାୟତା ପ୍ରଦାନ କରିବା । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ପ୍ରକଳ୍ପରେ ଶ୍ରୀଲଙ୍କାର ୫୦ ଜଣ, ଭାରତର ୧୦ ଜଣ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସମେତ ୫୦ ଜଣ କଲେଜ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ୍ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀଲଙ୍କାର ୩୦ ଜଣ କଲେଜ ଛାତ୍ରଛାତ୍ରୀ ଏହି ପ୍ରଶିକ୍ଷଣରେ ଯୋଗଦେବେ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ

ଶ୍ରୀଲଙ୍କାର ୧୫ ଜଣ କଲେଜ ଛାତ୍ରଛାତ୍ରୀ ଏବଂ ୫୦ ଜଣ ସ୍କୁଲ୍ ଛାତ୍ରଛାତ୍ରୀ ଭାରତ ଗସ୍ତରେ ଆସିବେ । ସ୍ପେସ୍ ଅହମ୍ମଦାବାଦର ନିର୍ଦ୍ଦେଶକ ଡକ୍ଟର ପ୍ରଫୁଲ୍ଲ କୁମାରଙ୍କ ଉପସ୍ଥିତିରେ ସ୍ପେସ୍ କିଡ୍ଜ୍ ଇଣ୍ଡିଆ ଏବଂ ଉତ୍ତର ୟୁନି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

## ଆଇ.ସି.ସି. ସାରଜା କପ୍

ସଂଯୁକ୍ତ ଆରବ ଏମିରେଟ୍ସ୍‌ର ସାରଜାଠାରେ ଚାଲିଥିବା ଆଇସିସି ନବମ ମହିଳା ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଆଜି ବାଙ୍ଗଲାଦେଶ ବିଜୟୀ ହୋଇଛି । ସ୍କଟଲ୍ୟାଣ୍ଡକୁ ବାଂଲାଦେଶ ୧୬ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ବାଂଲଶଦେଶ ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୧୯ ରନ୍ ସଂଗ୍ରହ କରିଥିଲା । ୧୨୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସ୍କଟ୍‌ଲ୍ୟାଣ୍ଡ ୭ ୱିକେଟ୍ ବିନିମୟରେ ୧୦୩ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆଜିର ଦ୍ୱିତୀୟ ମ୍ୟାଚ୍ ଆଉ କିଛି ସମୟ ପରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ ।

ଆସନ୍ତା ଶୁକ୍ରବାର ଦିନ ଭାରତ’ ନିଉଜିଲ୍ୟାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ । ଆସନ୍ତା ରବିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା

ହେବ । ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ଟି ଟିମ୍ ଭାଗ ନେଉଛନ୍ତି ।

*****